# ପ୍ରେସ୍ ନୋଟ୍

## ଜାନୁୟାରୀ ୨୩ ରୁ ପଲସ୍ ପୋଲିଓ ଟୀକା କରଣ ଅଭିଯାନ

ଅନୁଗୋଳ ତା ୧୨.୦୧.୨୦୨୨- ଚଳିତ ମାସ ୨୩ ତାରିଖରୁ ଜିଲ୍ଲାରେ ୩ଦିନ ଧରି ପଲସ୍ ପୋଲିଓ ଟୀକା କରଣ ଅଭିଯାନ ଆରମ୍ଭ ହେବ । ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗତ କାଲି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟର କୋର୍ଟ ରୁମ୍‌ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରୁ ଯେପରି ଜଣେ କେହି ଶିଶୁ ପୋଲିଓ ଟୀକା କରଣରୁ ବଞ୍ଚିତ ନ ହୁଅନ୍ତି ସେଥି ପାଇଁ ଏହି ଜାତୀୟ କାର୍ଯ୍ୟକ୍ରମରେ ନିୟୋଜିତ କର୍ମଚାରୀ ମାନେ ବିଶେଷ ଯତ୍ନବାନ ହେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ୫ ବର୍ଷ ବୟସରୁ କମ୍ ୧ ଲକ୍ଷ ୧୬ ହଜାର ୭୯୬ ଜଣ ଶିଶୁଙ୍କୁ ଟୀକା କରଣ କରାଯିବ । ଚଳିତ ମାସ ୨୩ ତାରିଖରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ,ଅଙ୍ଗନୱାଡ଼ିକେନ୍ଦ୍ର ଓ ବିଦ୍ୟାଳୟରେ ହୋଇଥିବା ବୁଥ୍ ଗୁଡିକରେ ଟୀକା କରଣ କରାଯିବ । ଏଥି ପାଇଁ ୫୯୭ଟି ବୁଥ୍ ଚିହ୍ନଟ କରାଯାଇଛି । ପରବର୍ତ୍ତୀ ୨ଦିନ ଯଥା ୨୩ ଓ ୨୪ ତାରିଖରେ ଘରକୁ ଘର ବୁଲି ଟୀକା କରଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି । ଏଥି ପାଇଁ ୧୯ଟି ମୋବାଇଲ୍ ଟିମ୍ ,୩୬ଟି ଟ୍ରାଞ୍ଜିଟ୍ ଟିମ୍ ଏବଂ ୨୪୯୮ଜଣ ଟୀକାଦାତା ନିୟୋଜିତ ହେବେ । ପ୍ରଥମ ଦିନରେ ଜିଲ୍ଲାରେ ୮୦ ପ୍ରତିଶତ ଶିଶୁଙ୍କୁ ଟୀକା କରଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଆକଳନ କରିଛି । ଏହି ଅଭିଯାନରେ ଅଙ୍ଗନୱାଡି,ଆଶାକର୍ମୀ,ଶିକ୍ଷକ,ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ ଅନୁଷ୍ଠାନର ସ୍ୱେଚ୍ଛାସେବୀ ମାନଙ୍କୁ ସାମିଲ କରାଯିବ । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସିନିୟର ମେଡିକାଲ୍ ଅଫିସର ଡକ୍ଟର ସନ୍ତୋଷ କୁମାର ସାହୁ , ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା ୨୬ ତା ୧୨.୦୧.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୧୨/୦୧/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ , ଅନୁଗୋଳ


COURT OF THE COLLECTOR & DISTRICT MAGISTRATE
ANGUL
DISTRICT TASKFORCE MEETING ON
INTENSIFIED PULSE POLIO IMMUNISATION PROGRAMME
(IPPI) 2022
Date- 11.01.2022